# NATIONAL NEWS BULLETIN (ODIA)

**4 June- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଆସନ୍ତା ଶୁକ୍ରବାର ଜାମ୍ମୁ କାଶ୍ମୀର ଗସ୍ତରେ ଯାଇ ଚେନାବ ରେଳ ସେତୁ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ

- ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆଜି ବସିବ କେନ୍ଦ୍ର ମନ୍ତ୍ରିମଣ୍ଡଳର ବୈଠକ

- ଆତଙ୍କବାଦ ବିରୁଦ୍ଧରେ ଭାରତର ନୀତିଗତ ନିଷ୍ପତ୍ତି ବହନ କରୁଥିବା ୭ଟି ବହୁଦଳୀୟ ପ୍ରତିନିଧି ମଣ୍ଡଳୀ ମଧ୍ୟରୁ ୪ଟିର ସ୍ୱଦେଶ ପ୍ରତ୍ୟାବର୍ତ୍ତନ

- ଭାରତର ପ୍ରତିରକ୍ଷାମନ୍ତ୍ରୀ ଓ ଅଷ୍ଟ୍ରେଲିଆ ପ୍ରତିପକ୍ଷଙ୍କ ମଧ୍ୟରେ ନୂଆଦିଲ୍ଲୀଠାରେ ବୈଠକ ଅନୁଷ୍ଠିତ

ଏବଂ

- ରେପୋରେଟ୍ ହ୍ରାସ ସଂକ୍ରାନ୍ତରେ ଆଜି ଆରବିଆଇର ମୁଦ୍ରାନୀତି କମିଟି ନେବ ନିଷ୍ପତ୍ତି

## ପିଏମ୍-ଜେକେ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ଶୁକ୍ରବାର ଜାମ୍ମୁ କାଶ୍ମୀର ଗସ୍ତ କରିବେ । ସେ ୪୬ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ଅନେକ ବିକାଶମୂଳକ ପ୍ରକଳ୍ପ

ଦେଶବାସୀଙ୍କୁ ଉତ୍ସର୍ଗ କରିବାର କାର୍ଯ୍ୟକ୍ରମ ରହିଛି । ସଂପୃକ୍ତ ଅଞ୍ଚଳରେ ରେଳ ଭିତ୍ତିଭୂମି ଏବଂ ସଂଯୋଗୀକରଣକୁ ବୃଦ୍ଧି କରିବା ପାଇଁ ପ୍ରଧାନମନ୍ତ୍ରୀ ଚେନାବ ରେଳସେତୁ ଓ ଅଞ୍ଜି ସେତୁର ଉଦ୍‌ଘାଟନ କରିବେ । ଏହି ଅବସରରେ ସେ ବନ୍ଦେ ଭାରତ ଟ୍ରେନ୍ ଗୁଡ଼ିକର ମଧ୍ୟ ଶୁଭାରମ୍ଭ କରିବେ । ଚେନାବ ନଦୀଠାରୁ ୩୫୯ ମିଟର ଉଚ୍ଚତାରେ ଅବସ୍ଥିତ ସ୍ଥାପତ୍ୟର ଚମତ୍କାର ଚେନାବ ରେଳସେତୁ ହେଉଛି ବିଶ୍ୱର ସର୍ବୋଚ୍ଚ ରେଳସେତୁ । ଏହା ୧ ହଜାର ୩୧୫ ମିଟର ଲମ୍ବ ଷ୍ଟିଲ୍ ଆର୍କ ସେତୁ, ଯାହା ଅତ୍ୟନ୍ତ ଭୂକମ୍ପ ଓ ପବନ ସ୍ଥିତିକୁ ସହ୍ୟ କରିବା ପାଇଁ ଇଞ୍ଜିନିୟରିଂ ବ୍ୟବସ୍ଥା କରାଯାଇଛି । ଏହି ସେତୁ ଜମ୍ମୁ ଓ ଶ୍ରୀନଗର ମଧ୍ୟରେ ଉତ୍ତମ ସଂଯୋଗ ସ୍ଥାପନ କରିବାରେ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ । ବନ୍ଦେ ଭାରତ ଟ୍ରେନ୍ କାଟରା ଏବଂ ଶ୍ରୀନଗର ମଧ୍ୟରେ ଯାତ୍ରା କରିବାକୁ ମାତ୍ର ୩ ଘଣ୍ଟା ସମୟ ନେବ, ଯାହା ପୂର୍ବଠାରୁ ଖୁବ୍ କମ୍ ସମୟରେ ଯାତ୍ରୀମାନେ ଗନ୍ତବ୍ୟ ସ୍ଥଳରେ ପହଞ୍ଚି ପାରିବେ ବୋଲି କୁହାଯାଇଛି ।

## ପ୍ରେଜ୍- ଓମେନ୍ ରିଜର୍ଭେସନ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଲଦାଖ ସ୍ୱୟଂଶାସିତ ପାର୍ବତ୍ୟ ଉନ୍ନୟନ ପରିଷଦ (ସଂଶୋଧନ) ନିୟମ ୨୦୨୫ ପ୍ରଣୟନ କରିଛନ୍ତି, ଯାହାଦ୍ୱାରା ମହିଳାଙ୍କ ପାଇଁ ମୋଟ୍ ଆସନର ଏକତୃତୀୟାଂଶ ସଂରକ୍ଷଣ କରାଯିବ । ସଂଶୋଧନ ଅନୁଯାୟୀ ଏହି ଆସନ ଗୁଡ଼ିକ ଗେଜେଟ୍ ବିଜ୍ଞପ୍ତି ମାଧ୍ୟମରେ କ୍ରମିକ ସଂଖ୍ୟାରେ ପ୍ରତ୍ୟେକ ଭିନ୍ନ ଆଞ୍ଚଳିକ ନିର୍ବାଚନ ମଣ୍ଡଳୀକୁ ଆବଣ୍ଟିତ କରାଯିବ । ଲଦାଖ ସ୍ୱୟଂଶାସିତ ପରିଷଦ ଏକ ସାମ୍ବିଧାନିକ ସଂସ୍ଥା, ଯାହା ୩୦ ଜଣ ସଦସ୍ୟ ବିଶିଷ୍ଟ ସାଧାରଣ ପରିଷଦରେ ଲେହ ଏବଂ କାର୍ଗିଲ୍ ଜିଲ୍ଲାରୁ ସଦସ୍ୟମାନେ ସ୍ଥାନ ପାଇବେ ।

# ପିଏମ୍-ମିନିଷ୍ଟର୍ସ ମିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆଜି କେନ୍ଦ୍ର ମନ୍ତ୍ରିମଣ୍ଡଳର ଏକ ବୈଠକ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହେବ । ପହଲଗାମ ଆତଙ୍କବାଦୀ ଆକ୍ରମଣ ଏବଂ ଏହାର ଜବାବରେ ଅପରେସନ ସିନ୍ଦୂର ପରେ ପ୍ରଥମଥର ପାଇଁ ଏହି ବୈଠକ ଅନୁଷ୍ଠିତ ହେବାକୁ ଯାଉଛି ।

---

# ଅଲ୍ ପାର୍ଟି ଡେଲିଗେସନ୍

ଆତଙ୍କବାଦ ବିରୁଦ୍ଧରେ ଭାରତର ନୀତିଗତ ଓ ଦୃଢ଼ ସ୍ଥିତିର ବାର୍ତ୍ତା ବହନ କରୁଥିବା ୭ଟି ବହୁଦଳୀୟ ପ୍ରତିନିଧି ମଣ୍ଡଳୀ ମଧ୍ୟରୁ ୪ଟି ସଫଳତାର ସହ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଏହି ଗସ୍ତ ସମୟରେ ପ୍ରତିନିଧି ମଣ୍ଡଳୀ ସେମାନଙ୍କ ଅନ୍ତର୍ଜାତୀୟ ପ୍ରଚାରର ଅଂଶ ଭାବେ ବିଦେଶର ନେତା, ବରିଷ୍ଠ ଅଧିକାରୀ, ପ୍ରଭାବଶାଳୀ ଚିନ୍ତକ, ଗଣମାଧ୍ୟମ ଏବଂ ପ୍ରବାସୀ ଭାରତୀୟମାନଙ୍କ ସହ ଆଲୋଚନା କରିଛନ୍ତି । ଶିବସେନା ସାଂସଦ ଶ୍ରୀକାନ୍ତ ସିନ୍ଦେଙ୍କ ନେତୃତ୍ୱରେ ଯାଇଥିବା ସର୍ବଦଳୀୟ ପ୍ରତିନିଧି ଦଳ ଆଜି ସକାଳେ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ସେମାନେ ୟୁଏଇ,ଲାଇବେରିଆ, କଙ୍ଗୋ ଗଣରାଜ୍ୟ ଏବଂ ସିଏରାଲିଓନ୍ ଗସ୍ତ କରି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି ।

ଏନ୍‌ସିପି ସାଂସଦ ସୁପ୍ରିୟା ସୁଲେଙ୍କ ନେତୃତ୍ୱରେ ବହୁଦଳୀୟ ପ୍ରତିନିଧି ମଣ୍ଡଳୀ ଆଜି ଅପରାହ୍ନରେ ଫେରିବେ । ଏହି ପ୍ରତିନିଧି ମଣ୍ଡଳୀ କାତାର, ଦକ୍ଷିଣ ଆଫ୍ରିକା, ଇଥିଓପିଆ ଓ ଇଜିପ୍ଟ ଗସ୍ତ କରି ଫେରୁଛନ୍ତି ।

ସେହିପରି ବିଜେପି ସାଂସଦ ରବିଶଙ୍କର ପ୍ରସାଦଙ୍କ ନେତୃତ୍ୱରେ ସଂସଦୀୟ ପ୍ରତିନିଧି ମଣ୍ଡଳୀ ବର୍ତ୍ତମାନ ବେଲଜିୟମର ବ୍ରସେଲ୍ସରେ ଥିବା ୟୁରୋପୀୟ ସଂଘ ମୁଖ୍ୟାଳୟରେ ଅଛନ୍ତି । ୟୁରୋପୀୟ ସଂଘ ଏବଂ ବେଲ୍ଜିୟମ କର୍ତ୍ତୃପକ୍ଷଙ୍କ ସହ ସୀମାପାର ଆତଙ୍କବାଦ ନେଇ ଆଲୋଚନା ଓ ପହଲଗାମରେ ଘଟିଥିବା ଆତଙ୍କବାଦୀ ଆକ୍ରମଣ ସମେତ ଆତଙ୍କବାଦର ଭୟାବହତା ନେଇ ସେମାନେ ଆଲୋଚନା କରିଛନ୍ତି ।

ଇତିମଧ୍ୟରେ କଂଗ୍ରେସ ସାଂସଦ ଶଶି ଥରୁରଙ୍କ ନେତୃତ୍ୱରେ ସର୍ବଦଳୀୟ ପ୍ରତିନିଧି ଦଳ ୱାଶିଂଟନ୍ ଡିସିରେ ପହଞ୍ଚି ଆମେରିକା କଂଗ୍ରେସ, ବୁଦ୍ଧିଜୀବୀବର୍ଗ ଏବଂ ନୀତିନିର୍ଦ୍ଧାରକମାନଙ୍କୁ ଅପରେସନ ସିନ୍ଦୂର ଓ ଆତଙ୍କବାଦ ବିରୁଦ୍ଧରେ ଭାରତର ଦୃଢ଼ ଆଭିମୁଖ୍ୟ ବିଷୟରେ ସୂଚନା ଦେଇଛନ୍ତି ।

---

## ପିଏମ୍-ହରଦୀପ ସିଂ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ଭାରତର ଶକ୍ତି କ୍ଷେତ୍ରରେ ଗତ ୧୧ ବର୍ଷ ମଧ୍ୟରେ ଏକ ସଂରଚନାତ୍ମକ ପରିବର୍ତ୍ତନ ଆସିଛି, ଯେଉଁଥିରେ ସୁଲଭ ଏବଂ ସ୍ୱଚ୍ଛ ଶକ୍ତି ପାଇଁ ଏକ ଦୃଢ଼ ପ୍ରୟାସ କରାଯାଇଛି । ପେଟ୍ରୋଲ୍ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ ସିଂ ପୁରୀଙ୍କ ଦ୍ୱାରା ଏକ ସମ୍ବାଦପତ୍ର ପାଇଁ ଲିଖିତ ଏକ ଲେଖା ସେୟାର କରି ଶ୍ରୀ ମୋଦୀ କହିଛନ୍ତି, ଏହି ପ୍ରୟାସ, ସଂସ୍କାର, ସବୁଜ ପଦକ୍ଷେପ ଏବଂ ଆତ୍ମନିର୍ଭରଶୀଳତା ଉପରେ ଧ୍ୟାନ କେନ୍ଦ୍ରୀତ ହୋଇଛି । ତାଙ୍କ ଲେଖାରେ ଶ୍ରୀ ପୁରୀ କହିଛନ୍ତି ଯେ ଆତ୍ମନିର୍ଭରତା କିମ୍ବା ଆତ୍ମନିର୍ଭରତାର ନିରନ୍ତର ପ୍ରୟାସରେ ଭାରତ କେବଳ ବିଶ୍ୱର ଦ୍ରୁତତମ ବୃଦ୍ଧି ପାଉଥିବା ଅର୍ଥନୀତି ନୁହେଁ, ବରଂ ଏକ ରଣନୈତିକ ଶକ୍ତି ମଧ୍ୟ ହୋଇପାରିଛି ।

ଶ୍ରୀ ପୁରୀ  ଉଲ୍ଲେଖ କରିଛନ୍ତି ଯେ ଶକ୍ତିକ୍ଷେତ୍ର ଦେଶର ବିକାଶ ପାଇଁ ଅବିଚ୍ଛେଦ୍ୟ ଅଙ୍ଗ । ମୋଦୀ ୩.୦ର ପ୍ରଥମ ବର୍ଷରେ ଏକ ସଂରଚନାତ୍ମକ ପରିବର୍ତ୍ତନ ଦେଇ ଗତିକରିଛି, ଯାହା ୧୦ବର୍ଷର ମୂଳଦୁଆକୁ ସୁଦୃଢ଼ କରିବାରେ ସହାୟକ ହୋଇଛି । ମନ୍ତ୍ରୀ ଆହୁରି କହିଛନ୍ତି ଯେ, ଭାରତର ଶକ୍ତି ରଣନୀତି ଶକ୍ତି ଉପଲବ୍ଧତା, ସୁଲଭତା ଓ ସ୍ଥିରତାର ଦ୍ୱିଧାରାକୁ ସଫଳତାର ସହ ପରିଚାଳନା କରିବାରେ ସହାୟକ ହୋଇଛି । ବିଶ୍ୱ ଗୋଟିଏ ପରେ ଗୋଟିଏ ଭୂ ରାଜନୈତିକ ସଂକଟର ସମ୍ମୁଖୀନ ହେଉଥିବା ବେଳେ ଭାରତ ସଫଳତା ହାସଲ କରିଚାଲିଛି ।

---

## ରାଜନାଥ

ନୂଆଦିଲ୍ଲୀରେ ଆଜି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଓ ଅଷ୍ଟ୍ରେଲିଆର ଉପପ୍ରଧାନମନ୍ତ୍ରୀ ତଥା ପ୍ରତିରକ୍ଷାମନ୍ତ୍ରୀ ରିଚାର୍ଡ ମାର୍ଲସଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଷ୍ଟ୍ରେଲିଆର ଉପପ୍ରଧାନମନ୍ତ୍ରୀ ଆତଙ୍କବାଦ ବିରୁଦ୍ଧରେ ଭାରତ ସହିତ ରହିଥିବା ପ୍ରକାଶ କରିଛନ୍ତି । ଭାରତ ଓ ଅଷ୍ଟ୍ରେଲିଆ ପ୍ରତିରକ୍ଷା ଏବଂ ସାମୁଦ୍ରିକ ସୁରକ୍ଷାରେ ଘନିଷ୍ଠ ସହଯୋଗୀ ଥିବା ସେ କହିଛନ୍ତି ।

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ତାଙ୍କ ଅଷ୍ଟ୍ରେଲିୟ ପ୍ରତିପକ୍ଷଙ୍କୁ ଦେଶର ପଶ୍ଚିମ ପଟୁ ଦେଶ ସମ୍ମୁଖୀନ ହେଉଥିବା ଆହ୍ୱାନ ବିଷୟରେ ଅବଗତ କରାଇଛନ୍ତି । ଶ୍ରୀ ସିଂ କହିଛନ୍ତି  ଯେ କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ଜବାବରେ ଭାରତ ପଶ୍ଚିମପଟରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛି ।

ପୂର୍ବରୁ ଶ୍ରୀ ମାର୍ଲସଙ୍କୁ ଦିଲ୍ଲୀର ମାନେକ୍ସା କେନ୍ଦ୍ରରେ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା । ଅଷ୍ଟ୍ରେଲିଆ ମନ୍ତ୍ରୀ ମଧ୍ୟ ଦିଲ୍ଲୀର ଜାତୀୟ ଯୁଦ୍ଧ ସ୍ମାରକୀରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।

## ଆର୍‌ବିଆଇ-ଏମ୍‌ପିସି

ଭାରତୀୟ ରିଜର୍ଭବ୍ୟାଙ୍କ- ଆର୍‌ବିଆଇର ମୁଦ୍ରାନୀତି କମିଟି -ଏମ୍‌ପିସି ବୈଠକରେ ଆଜି ରେପୋରେଟ୍ ହ୍ରାସ କରିବା ନେଇ ନିଷ୍ପତ୍ତି ନେବ । ରିଜର୍ଭବ୍ୟାଙ୍କ ଗଭର୍ଣ୍ଣର ସଂଜୟ ମାଲହୋତ୍ରାଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିର ନିଷ୍ପତ୍ତି ଆସନ୍ତା ଶୁକ୍ରବାର ଦିନ ଘୋଷଣା କରାଯିବ । ଅର୍ଥନୀତିଜ୍ଞ ଏବଂ ଶିଳ୍ପ ବିଶେଷଜ୍ଞଙ୍କ ମତରେ କେନ୍ଦ୍ରୀୟ ବ୍ୟାଙ୍କ ରେପୋ ହାରରେ ତୃତୀୟଥର ପାଇଁ ୨୫ ବେସିସ୍ ପଏଣ୍ଟ ହ୍ରାସ କରି ତାହାକୁ ୫ ଦଶମିକ ୭/୫ ପ୍ରତିଶତ କରିବାର ସମ୍ଭାବନା ରହିଛି । ଏସ୍‌ବିଆଇର ଏକ ନୂତନ ରିପୋର୍ଟରେ ଜୁନ୍‌ରେ ଆର୍‌ବିଆଇ ଏମ୍‌ପିସି ନୀତିରେ ୫୦ ବେସିସ୍ ପଏଣ୍ଟ ହାର ହ୍ରାସ ହେବାର ଆକଳନ ମଧ୍ୟ କରାଯାଇଛି । ପୂର୍ବ ଦୁଇଟି ମୁଦ୍ରାନୀତି ସମୀକ୍ଷାରେ ରିଜର୍ଭ ବ୍ୟାଙ୍କ ପୂର୍ବରୁ ରେପୋ ହାରକୁ ୫୦ ବେସିସ୍ ପଏଣ୍ଟ ହ୍ରାସ କରି ୬ ପ୍ରତିଶତରେ ରଖିଛି ।

## ପିଏମ୍-କୋରିଆ ପ୍ରେଜ୍

ନବନିଯୁକ୍ତ ଦକ୍ଷିଣ କୋରିଆ ରାଷ୍ଟ୍ରପତି ଲି ଜାୟେ ମ୍ୟୁଙ୍ଗ୍‌ଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ଓ କୋରିଆ ମଧ୍ୟରେ ସ୍ୱତନ୍ତ୍ର ରଣନୈତିକ ଭାଗିଦାରୀକୁ ସୁଦୃଢ଼ କରିବା ଦିଗରେ ଦୁଇଦେଶ କାର୍ଯ୍ୟ କରିବେ ।

## ହଜ୍

ଆଜିଠାରୁ ଆରମ୍ଭ ହୋଇଥିବା ବାର୍ଷିକ ୫ ଦିନିଆ ହଜ୍ ଯାତ୍ରାରେ ଭାରତ ସମେତ ବିଶ୍ୱର ପ୍ରାୟ ୧୮ଲକ୍ଷ ତୀର୍ଥଯାତ୍ରୀ ସାଉଦି ଆରବର ମୀନାରେ ଏକତ୍ରିତ ହୋଇଛନ୍ତି । ତୀର୍ଥଯାତ୍ରୀମାନେ ପବିତ୍ର ମକ୍କା ନଗରୀରୁ ତମ୍ବୁନଗରୀ ମୀନାରେ ସମ୍ମିଳିତ ହେବା ପାଇଁ ସେମାନଙ୍କର ଯାତ୍ରା ଆରମ୍ଭ କରିଥିଲେ । ଆସନ୍ତାକାଲି ଭୋର୍ ସମୟରେ ହଜ୍‌ର ମୁଖ୍ୟ ରୀତି ପାଇଁ ପ୍ରାର୍ଥନା ଅନୁଷ୍ଠିତ ହେବ । ପୂର୍ବରୁ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ଏକ ସୋସିଆଲ୍ ମିଡ଼ିଆ ପୋଷ୍ଟରେ କହିଛି, ପ୍ରତ୍ୟେକ ଭାରତୀୟ ହଜ୍ ଯାତ୍ରୀଙ୍କ ପାଇଁ ଏକ ଆରାମଦାୟକ ଓ ମର୍ଯ୍ୟାଦାପୂର୍ଣ୍ଣ ଯାତ୍ରା ସୁନିଶ୍ଚିତ କରିବା ଲାଗି ସବୁ ପ୍ରକାର ସୁବିଧା କରାଯାଇଛି । 'ହଜ୍ ସୁବିଧା' ମୋବାଇଲ୍ ଆପ୍ ସହିତ ଭାରତୀୟ ତୀର୍ଥଯାତ୍ରୀମାନଙ୍କୁ ସୂଚନା ଓ ଅଭିଯୋଗ ସଂକ୍ରାନ୍ତରେ ତଥ୍ୟ ଦେବାର ସେବା ପ୍ରଦାନ କରାଯାଉଛି ।

## ଆଇପିଏଲ୍

ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ପ୍ରଥମଥର ପାଇଁ ଆଇପିଏଲ୍ କ୍ରିକେଟ୍ ୨୦୨୫ ଟାଇଟଲ ହାସଲ କରିଛି । ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍ ଠାରେ ଗତ ସନ୍ଧ୍ୟାରେ ଖେଳାଯାଇଥିବା ୧୮ତମ ଫାଇନାଲ୍ ମ୍ୟାଚ୍‌ରେ ବେଙ୍ଗାଲୁରୁ' ପଞ୍ଜାବ କିଙ୍ଗସ୍‌କୁ ୬ ରନ୍‌ରେ ପରାସ୍ତ କରି ଏହି ସଫଳତା ପାଇଛି । ଆଇପିଏଲ୍ ଟାଇଟଲ୍ ଜିତିବା ପରେ ବେଙ୍ଗାଲୁରୁ ଅଧିନାୟକ ରଜତ ପଟିଦାର ଏହାର ଶ୍ରେୟ ବୀରାଟ କୋହଲି, ଦଳର ସମସ୍ତ ସଦସ୍ୟ ଏବଂ ପ୍ରଶଂସକଙ୍କୁ ଉତ୍ସର୍ଗ କରିଛନ୍ତି ।